# କବିବର ରାଧାନାଥ ରାୟ

ଡକ୍ଟର ଜ୍ୟୋତିର୍ମୟୀ ସାମନ୍ତରାୟ

ଊନବିଂଶ ଶତାବ୍ଦୀର ଶେଷ ଭାଗରେ ଯେଉଁ ଚାରିଜଣ ଉଜ୍ଜ୍ୱଳ ଜ୍ୟୋତିଷ୍କ ଓଡ଼ିଶାର ସାହିତ୍ୟ ଜଗତକୁ ବିମଣ୍ଡିତ କରିଥିଲେ, ସେମାନେ ହେଲେ, ରାଧାନାଥ ରାୟ, ମଧୁସୂଦନ ରାଓ, ଫକୀର ମୋହନ ସେନାପତି ଓ ଗଙ୍ଗାଧର ମେହେର । ଅବଶ୍ୟ ଏହା ପୂର୍ବରୁ ଓଡ଼ିଶାରେ ସର୍ବପ୍ରଥମ ନାଟକ ସର୍ବପ୍ରଥମ ଉପନ୍ୟାସ ଇତ୍ୟାଦି ଲେଖା ହୋଇଥିଲା । ୧୮୬୬ ମସିହାରେ କର୍ମବୀର ଗୌରୀଶଙ୍କର ରାୟଙ୍କ ଦ୍ୱାରା ସଂପାଦିତ 'ଉତ୍କଳ ଦୀପିକା' ଓଡ଼ିଆ ଭାଷାରେ ଲେଖା ଲେଖିବା ପାଇଁ ପ୍ରେରଣା ଯୋଗାଇଥିଲା । ଏହା ସଂଗେ ସଂଗେ ସେ ସମୟରେ ମଧ୍ୟ ବହୁ ପତ୍ରପତ୍ରିକା ପ୍ରକାଶିତ ହୋଇଥିଲା । ଉମେଶ ଚନ୍ଦ୍ର ସରକାରଙ୍କର 'ପଦ୍ମମାଳି' (୧୮୮୮) ଉପନ୍ୟାସ ସର୍ବପ୍ରଥମେ ପ୍ରକାଶ ପାଇଥିଲା । ୧୮୭୭ ମସିହାରେ ଜଗମୋହନ ଲାଲାଙ୍କର 'ବାବାଜୀ' ନାଟକ ସର୍ବପ୍ରଥମେ ପ୍ରକାଶ ପାଇଥିଲା । ୧୮୮୦ ମସିହାରେ ରାମଶଙ୍କର ରାୟଙ୍କର 'କାଞ୍ଚିକାବେରୀ' ପ୍ରକାଶ ପାଇଥିଲା । ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଅଧିକ ରଚନା ପାଇଁ ଏହା ଯଥେଷ୍ଟ ପ୍ରେରଣା ଯୋଗାଇଥିଲା । ଓଡ଼ିଆ ଭାଷା ଯେତେବେଳେ ବିପନ୍ନ, ସେତେବେଳେ ଏମାନେ ଲେଖନୀ ଚାଳନା କରି ଓଡ଼ିଆ ଭାଷାର ଶ୍ରୀବୃଦ୍ଧି ପାଇଁ ଲାଗି ପଡ଼ିଥିଲେ ।



କବିବର ରାଧାନାଥ ଆଧୁନିକ ଉତ୍କଳର ସାହିତ୍ୟିକ ସଂପ୍ରଦାୟ ଏବଂ ଗୁଣଗ୍ରାହୀ ବିଦ୍ୱାନମଣ୍ଡଳୀର ସାହିତ୍ୟ ସମ୍ରାଟ କହିଲେ ଅତ୍ୟୁକ୍ତି ହେବ ନାହିଁ । କବିବର ରାଧାନାଥ ରାୟ ବାଲେଶ୍ୱରର ଦକ୍ଷିଣରେ ଅବସ୍ଥିତ କେଦାରପୁର ଗ୍ରାମରେ ଶକାବ୍ଦ ୧୭୭୧ ଆଶ୍ୱିନ ମାସର ପନ୍ଦର ଦିନ, ଇଂରାଜୀ ୧୮୪୮ ମସିହା ସେପ୍ଟେମ୍ବର ୨୮ ତାରିଖରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଶ୍ରୀ ସୁନ୍ଦର ନାରାୟଣ ରାୟ, ମାତାଙ୍କ ନାମ ଶ୍ରୀମତୀ ତାରିଣୀ ଦାସୀ (ସୋରୋ ମହାଶୟ ବଂଶୀୟା) । ରାଧାନାଥଙ୍କ ଜନ୍ମର ୫ ବର୍ଷ ପରେ ତାରିଣୀ ଦାସୀଙ୍କର ପରଲୋକ ହୋଇଥିଲା । ରାଧାନାଥଙ୍କର ଜାତୀୟ ଉପାଧି ଦେ' । 'ରାୟ' ପ୍ରାଚୀନ ରାଜଦତ୍ତ ଉପାଧି ଅଟେ ।

ଛଅ ବର୍ଷ ବୟସରେ ରାଧାନାଥ ଗ୍ରାମ୍ୟ ପାଠ୍ୟଶାଳାରେ ପ୍ରବିଷ୍ଟ ହୋଇଥିଲେ । ୧୦ ବର୍ଷ ବୟସରେ ସେ ଜିଲ୍ଲା ସ୍କୁଲରେ ଓ ୧୬ ବର୍ଷ ବୟସରେ ରାଧାନାଥ କଲିକତା ବିଶ୍ୱବିଦ୍ୟାଳୟରେ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପ୍ରେସିଡେନ୍‌ସି କଲେଜରେ ଅଧ୍ୟୟନ ଉଦ୍ଦେଶ୍ୟରେ କଲିକତା ଗଲେ । ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହେବାରୁ ସେ ଫେରିଆସି ବାଲେଶ୍ୱର ଜିଲ୍ଲା ସ୍କୁଲରେ ୩୦ ଟଙ୍କା ବେତନରେ ତୃତୀୟ ଶିକ୍ଷକ ପଦରେ ନିଯୁକ୍ତ ହେଲେ । ବାଲେଶ୍ୱରରେ ପ୍ରାୟ ପାଞ୍ଚ ବର୍ଷ କାର୍ଯ୍ୟ କରି ରାଧାନାଥ ପୁରୀ ଜିଲ୍ଲା ସ୍କୁଲରେ ଦ୍ୱିତୀୟ ଶିକ୍ଷକ ପଦରେ ନିଯୁକ୍ତ ହୋଇ ସ୍ଥାନାନ୍ତରିତ ହେଲେ । ବାଲେଶ୍ୱରରେ ପ୍ରାୟ ୫ ବର୍ଷ ଡେପୁଟି ଇନିସ୍‌ପେକ୍ଟର ପଦରେ ଥାଇ ରାଧାନାଥ ଜଏଣ୍ଟ ଇନିସ୍‌ପେକ୍ଟର ପଦକୁ ଉନ୍ନୀତ ହେଲେ । ୧୮୯୨ ମସିହାରେ ରାଧାନାଥ ଜଏଣ୍ଟ ଇନିସ୍‌ପେକ୍ଟର ପଦରୁ ଇନିସ୍‌ପେକ୍ଟର ପଦକୁ ଉନ୍ନୀତ ହେଲେ ଓ ୧୯୦୧ ମସିହାରେ ପ୍ରୋଭିନ୍‌ସିଆଲ ସର୍ଭିସ୍‌ରେ ଶୀର୍ଷ ସ୍ଥାନ ଅଧିକାର କଲେ । ୧୮୯୬ ମସିହାରେ ବ୍ରିଟିଶ ଗଭର୍ଣ୍ଣମେଣ୍ଟ ତାଙ୍କୁ 'ରାୟ ବାହାଦୂର' ଉପାଧି ଦ୍ୱାରା ସମ୍ମାନିତ କରିଥିଲେ ।

କବିବର ରାଧାନାଥ ରାୟ ପ୍ରଥମେ ବଙ୍ଗଳାରେ କାବ୍ୟକବିତା ଲେଖିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ସେତେବେଳକୁ ବଙ୍ଗଳା ଭାଷା ସାହିତ୍ୟରେ ବହୁ ପ୍ରତିଷ୍ଠିତ କବି ଓ ଲେଖକ ବାହାରି ଆସିଲେଣି । ଓଡ଼ିଆ ଭାଷା ସାହିତ୍ୟକୁ ସମୃଦ୍ଧ କରି ସେଥିରେ ପ୍ରତିଷ୍ଠା ଅର୍ଜନ କରିବା ପାଇଁ, ସେତେବେଳର ଓଡ଼ିଶା ସ୍କୁଲ ସମୂହର ଇନିସ୍‌ପେକ୍ଟର ଭୂଦେବ ମୁଖପାଧ୍ୟାୟ ତାଙ୍କୁ ପ୍ରେରଣା ଦେଇଥିଲେ । ରାଶି ରାଶି କାବ୍ୟ କବିତା ଲେଖି ସେ ଓଡ଼ିଆ ଭାଷା ସାହିତ୍ୟକୁ ସମୃଦ୍ଧ କରିଯାଇଛନ୍ତି । ସେ

ସାହିତ୍ୟ ଆତ୍ମିକ ରସ ସଂପଦରେ ଗରୀୟାନ । ଓଡ଼ିଆ ସାହିତ୍ୟର ଆଧୁନିକ ଯୁଗକୁ ରାଧାନାଥ ଯୁଗ ନାମରେ ନାମିତ କରିବା ଯଥାର୍ଥ ।

ବସ୍ତୁତଃ ରାଧାନାଥ ଆଧୁନିକ ଉତ୍କଳ ସାହିତ୍ୟ ମନ୍ଦିରର ସର୍ବପ୍ରଧାନ ନିର୍ମାତା ଏବଂ ସେ ପ୍ରାଚୀନ ସାହିତ୍ୟ ଅପେକ୍ଷା ଆଧୁନିକ ସାହିତ୍ୟକୁ ଯେପରି ସଂପୂର୍ଣ୍ଣ ନୂତନ ଓ ମନୋରମ ଭାବରେ ରଚନା କରିଛନ୍ତି, ତହିଁରେ ତାଙ୍କଠାରେ କବିବର ଆଖ୍ୟା ଆରୋପଣ ସଂପୂର୍ଣ୍ଣ ରୂପେ ସ୍ୱାଭାବିକ । ଉତ୍କଳୀୟ ପ୍ରକୃତିର ସୌନ୍ଦର୍ଯ୍ୟ ବର୍ଣ୍ଣନାରେ କବିବର ଅପୂର୍ବ ରଚନା କୌଶଳ ପ୍ରଦର୍ଶନ କରିଛନ୍ତି ।

ରାଧାନାଥଙ୍କର ପ୍ରଧାନ ପ୍ରଧାନ କାବ୍ୟ କବିତାଗୁଡ଼ିକ ହେଲା -

୧. ମେଘଦୂତ
୨. କବିତାବଳୀ
୩. କେଦାରଗୌରୀ
୪. ଚନ୍ଦ୍ରଭାଗା
୫. ନନ୍ଦିକେଶ୍ୱରୀ
୬. ଉଷା
୭. ପାର୍ବତୀ (ଅପୂର୍ଣ୍ଣ)
୮. ଚିଲିକା
୯. ମହାଯାତ୍ରା (ଅପୂର୍ଣ୍ଣ)
୧୦. ଯଯାତିକେଶରୀ
୧୧. ତୁଳସୀସ୍ତବକ
୧୨. ଉର୍ବଶୀ (ଅପୂର୍ଣ୍ଣ)
୧୩. ଦରବାର
୧୪. ଦଶରଥ ବିୟୋଗ

**ଭାରତ ଗୀତିକା**

ସର୍ବେଷାଂ ନୋ ଜନନୀ ଭାରତ -
ଧରଣୀ କଳ୍ପଲତେୟଂ
ଜନନୀ ବତ୍ସଲତନୟଗଣୈସ୍ତତ୍ -
ସମ୍ୟକ ଶର୍ମ୍ମ ବିଧେୟମ୍ । ଧ୍ରୁବଂ ।
ହିମଗିରି-ସୀମନ୍ତିତ-ମସ୍ତକମିଦ -
ମମ୍ବୁଧିପରିଗତ ପାର୍ଶ୍ୱମ୍ ।
ଅସ୍ମଜ୍ଜନ୍ମଦମନଦମନିଶଂ
ଶ୍ରୌତପୁରାତନମାର୍ଷମ୍ ।
ବଜନିତହର୍ଷଂ ଭାରତବର୍ଷଂ
ବିଶ୍ୱୋତ୍କର୍ଷ ନିଦାନମ୍ ॥

x x x x x

ସର୍ବାଦୌ ପରିଷତ୍ - କର୍ମଣି ତତ୍
ଭାରତମେବ ନମାମଃ ॥

ଉତ୍କଳ ସମ୍ମିଳନୀରେ ଗାନ କରିବା ନିମିତ୍ତ ଏହି ଗୀତିକାଟି ରଚିତ ହୋଇଥିଲା । ୧୯୦୮ ଅପ୍ରେଲ ମାସରେ ପୁରୀରେ ଉତ୍କଳ ସମ୍ମିଳନୀର ଅଧିବେଶନ ବେଳେ ଆଉ କେତେକ ପଂକ୍ତି ଯୁକ୍ତ କରାଯାଇଥିଲା । ଏହି ଅଧିବେଶନର ପୂର୍ବ ଦିବସରେ କବିବର ସ୍ୱର୍ଗାରୋହଣ କରିଥିଲେ ।

ରାଧାନାଥଙ୍କ କବିତାର ପ୍ରତ୍ୟେକ ଅଂଶରେ କମନୀୟ କାନ୍ତି ଉତ୍କଳ ପ୍ରକୃତିର ବର୍ଣ୍ଣନା ଦୃଷ୍ଟ ହୁଏ । ତାଙ୍କର କବି-ଜନ-ସୁଲଭ ରଙ୍ଗାଜୀବତ୍ୱ ପ୍ରକୃତି ସୁନ୍ଦରୀଙ୍କ ସୌନ୍ଦର୍ଯ୍ୟ ଚିତ୍ରଣରେ ସର୍ବୋତୋ ଭାବରେ ପରିସ୍ଫୁଟ - ଏହା ହିଁ କବିବରଙ୍କ ବିଶେଷତ୍ୱ । କିନ୍ତୁ, ବୀର, କରୁଣ ଏବଂ ଶୃଙ୍ଗାରାଦି ରସ ସମୂହର ଅବତାରଣା ସମ୍ବନ୍ଧରେ କବିବର ଯେଉଁ ଅପୂର୍ବ ରଚନା କୌଶଳ ପ୍ରଦର୍ଶନ କରି ଅଛନ୍ତି, ତାହା ଉତ୍କଳ ସାହିତ୍ୟ ଆକାଶରେ ଚିରଦିନ ଉଜ୍ଜ୍ୱଳ ଜ୍ୟୋତିଷ୍କ ଭାବେ ରହିବ ।

**ଗ୍ରନ୍ଥସୂଚୀ**

୧. ରାଧାନାଥ ଗ୍ରନ୍ଥାବଳୀ
୨. A Glimpse into Oriya Literature, by Chittaranjan Das, Orissa Sahitya Akademi, Bhubaneswar.

ସହକାରୀ ସୂଚନା ଅଧିକାରୀ
ଜୟଦେବ ଭବନ, ଭୁବନେଶ୍ୱର




ଓଡ଼ିଶା ହାଇକୋର୍ଟର ମାନ୍ୟବର ବିଚାରପତି ଜଷ୍ଟିସ୍ ଅନଙ୍ଗ କୁମାର ପଟ୍ଟନାୟକ ଖାରବେଳ ଉତ୍ସବ - ୨୦୦୫କୁ ଉଦ୍‌ଘାଟନ କରୁଛନ୍ତି । ନିକଟରେ ହାଇକୋର୍ଟର ମାନ୍ୟବର ବିଚାରପତି ଶ୍ରୀ ଏ.ଏସ୍. ନାଇଡୁ, ସଂସ୍କୃତି ଓ ପଞ୍ଚାୟତିରାଜ ମନ୍ତ୍ରୀ ଡାଃ ଦାମୋଦର ରାଉତ ଏବଂ କେ.ଏନ୍. ମେମୋରିଆଲ ଫାଉଣ୍ଡେସନର ଶ୍ରୀ ଜୟାଶୀଷ ରାୟ ଉପସ୍ଥିତ ଅଛନ୍ତି । (୧୫.୦୨.୦୫)